# ଚଇତି ପର୍ବ ଉଦ୍‌ଯାପିତ



ଆଠଗଡ଼,୮।୪(ସମିସ): ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ଆଠଗଡ଼ କୈବର୍ତ୍ତ ସମାଜ ପକ୍ଷରୁ ମା' ବାଉତୀଙ୍କ ପୀଠରେ ମାନସିକଧାରୀମାନେ ନିଆଁରେ ଝାମୁ ଚାଲି ବ୍ରତ ସମାପନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଦୁର୍ଗା ବଜାର ମଞ୍ଚ ଉପରେ ଓଡିଶାର ପାରମ୍ପରିକ ଘୋଡା ନାଚ ପରିବେଷଣ କରାଯାଇଥିଲା। ସାଲେପୁର ଅଞ୍ଚଳରୁ ଆସିଥିବା ମା' ଶାରଳା ଘୋଡା ନାଚ ଦଳଙ୍କ ଦ୍ୱାରା ଚିତାକର୍ଷକ ଘୋଡନାଚ ପରିବେଷିତ ହୋଇଥିଲା। ଉଦଯାପନ ସନ୍ଧ୍ୟାରେ ଆଠଗଡ଼ କୈବର୍ତ୍ତ ସମାଜର ମୁରବୀ ସ୍ଥାନୀୟ ବ୍ୟକ୍ତିତ୍ୱ କେଳୁଚରଣ ବେହେରାଙ୍କ ସଭାପତିତ୍ୱରେ ସମାଜସେବୀ ତଥା କଟକ ଜିଲ୍ଲା (ଗ୍ରାମାଞ୍ଚଳ) ବିଜେପି ସଭାପତି ରାମନାରାୟଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ଲଳିତ ରଞ୍ଜନ ସାହୁ, ସମାଜସେବୀ ହିମାଂଶୁ ଶେଖର ସାହୁ ମଞ୍ଚାସୀନ ଥିଲେ। ସୁକାନ୍ତ କିଶୋର ସାହୁ ସଂଯୋଜନା କରିଥିଲେ।

# ୧୪ତମ ବିରୂପା ମହୋତ୍ସବ ପାଇଁ ପ୍ରସ୍ତୁତି



ସାଲେପୁର,୮।୪(ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁରଠାରେ ଏପ୍ରିଲ ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୧୪ତମ ବିରୂପା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ପାଗାସ୍ଥିତ ସୁହାନୀ ମଣ୍ଡପଠାରେ ମହୋତ୍ସବ କମିଟିର ଉପଦେଷ୍ଟା ଦିଲ୍ଲୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୫ଦିନ ବ୍ୟାପୀ ମହୋତ୍ସବରେ ଓଡ଼ିଶାର ପ୍ରଖ୍ୟାତ ବ୍ୟକ୍ତିବିଶେଷ ତଥା ବୁଦ୍ଧିଜୀବୀମାନେ ଅତିଥିରୂପେ ଯୋଗଦେବା ସହିତ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଆକର୍ଷଣୀୟ କରିବା ନିମନ୍ତେ ପ୍ରତି ସନ୍ଧ୍ୟାରେ ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକର କଳାକାରମାନଙ୍କ ସମେତ ଲବ୍ଧପ୍ରତିଷ୍ଠିତ ନୃତ୍ୟ ତଥା ସଂଗୀତ ଗ୍ରୁପ୍‌ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଶ୍ରୀକାନ୍ତ ସାମଲ, ସୁରେଶ ରାଉତ, ପ୍ରଶାନ୍ତ ଭୂୟାଁ, ଅଜୟ ଲେଙ୍କା, ବିଶ୍ୱରଞ୍ଜନ ସାହୁ, ରମେଶ ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତିରଞ୍ଜନ ରାଉତ, ଦେବେନ୍ଦ୍ର ନାଥ ଅଂଶଗ୍ରହଣ କରିଥିଲେ।

# ଆଠଗଡ଼ ବିଜ୍ଞାନ ମହାବିଦ୍ୟାଳୟରେ ପାଠଚକ୍ର

ଆଠଗଡ଼,୮।୪(ସମିସ): ଆଠଗଡ଼ସ୍ଥିତ ରାଧାନାଥ ରଥ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ "ଖାରବେଳ ଓଡ଼ିଶାର ପ୍ରଥମ ଐତିହାସିକ ସମ୍ରାଟ" ଶୀର୍ଷକ ଏକ ପାଠଚକ୍ର (ସେମିନାର) ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡଃ ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ କହିଥିଲେ ଯେ ସମ୍ରାଟ ଖାରବେଳ ଓଡ଼ିଆ ଜାତିର ଶୌର୍ଯ୍ୟ ଓ ବୀର୍ଯ୍ୟର ପ୍ରତୀକ। ହାତୀଗୁମ୍ଫା ଶିଳାଲେଖରେ ଉଲ୍ଲେଖ ଥିବା ତାଙ୍କର ୧୩ ବର୍ଷର ଶାସନକାଳ ଓ ଉପଲବ୍ଧ ଓଡ଼ିଶା ଇତିହାସକୁ ସମୃଦ୍ଧ କରିଛି। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଥିବା ହିନ୍ଦୋଳ ଖଜୁରିଆକଟା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡଃ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ସ୍ୱ-ରଚିତ ପୁସ୍ତକକୁ ବିଧାୟକ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମିଶ୍ର ଓ +୨ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେନ୍ଦ୍ର ପାଣ୍ଡୋଇ ଯୋଗ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ପତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଲକ୍ଷ୍ମୀ ବେହେରା ଧନ୍ୟବାଦ ଦେଇଥିଲେ।

# 'ଆଦ୍ୟବର୍ଣ୍ଣା ଗୀତିକା' ପୁସ୍ତକ ଉନ୍ମୋଚିତ



ନିଶ୍ଚିନ୍ତକୋଇଲି,୮।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତ ପିଠାପଡାଠାରେ ଥିବା ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ରଚିତ ଗୀତିପୁସ୍ତକ କବିତା 'ଆଦ୍ୟବର୍ଣ୍ଣା ଗୀତିକା' ଉନ୍ମୋଚିତ ହୋଇଛି। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଗାନ୍ଧୀ ଭବନଠାରେ ଜିଲ୍ଲାର ୯୦ତମ ଉତ୍କଳ ସମ୍ମିଳନୀ ଉତ୍ସବ ପାଳନ ଅବସରରେ ଏହି ପୁସ୍ତକକୁ ଲୋକାର୍ପିତ କରାଯାଇଛି। ପ୍ରଫେସର ଡ. ନନ୍ଦକିଶୋର ପରିଜାଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ଡ. ହରିହର କାନୁନଗୋ, ପ୍ରଫେସର ଡ. ନନ୍ଦକିଶୋର ପରିଜା, ପ୍ରଫେସର ଡ. ବାସୁଦେବ ଦାସ, ପ୍ରବଚକ ଶରତ ଚନ୍ଦ୍ର ରଥ, ଡ. ବାସନ୍ତୀ ମହାନ୍ତି ଯୋଗ ଦେଇଥିଲେ। ପରିବେଶବିତ୍ ପ୍ରମୋଦ ଦାଶ ପୁସ୍ତକର ସମୀକ୍ଷା କରିଥିବା ବେଳେ ଅଧ୍ୟାପକ ପ୍ରଶାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଏବଂ ଅଧ୍ୟାପିକା ମନୀଷାକାନ୍ତି ଜେନା ଧନ୍ୟବାଦ ଦେଇଥିଲେ।

## ଜଳ ପାଇଁ ଜଳୁଛି ବାଣେଶ୍ୱରପଡ଼ା

# ରାଜରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳା

ତିଗିରିଆ,୮।୪(ସମିସ)

ଗ୍ରୀଷ୍ମର ପ୍ରକୋପ ବଢ଼ିବା ସହ ତିଗିରିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉଗ୍ର ରୂପ ଧାରଣ କରିଛି। ବାଲିପୁଟ ପଞ୍ଚାୟତ ଅନ୍ତର୍ଗତ ବାଣେଶ୍ୱରପଡ଼ା ଗ୍ରାମରେ ଦୀର୍ଘ ଦିନର ପାନୀୟ ଜଳ ଓ ଡ୍ରେନେଜ୍

- ଗରା ବାଲ୍ଟି ଧରି ୬୫ ନଂ ରାଜ୍ୟ ରାଜପଥ ଅବରୋଧ
- ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ
- ଗ୍ରାମରେ ୫ଟି ନଳକୂପ ଥାଇ ମଧ୍ୟ ପାନୀୟଜଳ ଅଭାବ
- ବସୁଧା ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ

ସମସ୍ୟାର ସମାଧାନ ନ ହେବାରୁ ଆଜି ଶତାଧିକ ମହିଳା ରାଜରାସ୍ତାକୁ ଓହ୍ଲାଇଥିଲେ। ଗରା ଓ ବାଲ୍ଟି ଧରି ଗ୍ରାମବାସୀ ବାଇପାସ୍ ଛକ ନିକଟରେ ୬୫ ନମ୍ବର କଟକ-ନରସିଂହପୁର ରାଜ୍ୟ ରାଜପଥକୁ ଅବରୋଧ କରିବାରୁ ଯାତାୟତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ଓ ତୁରନ୍ତ ସମସ୍ୟା ସମାଧାନର ପ୍ରତିଶ୍ରୁତି ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି।



ବାଣେଶ୍ୱରପଡ଼ା ଗ୍ରାମର ଦୁଇଟି ୱାର୍ଡରେ ପ୍ରାୟ ୧୫୦ ପରିବାରର ୭୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରନ୍ତି। ଗ୍ରାମରେ ଗୋଟିଏ କୂଅ ଓ ୫ଟି ନଳକୂପ ରହିଥିଲେ ହେଁ ଖରାଦିନେ କୂଅଟି ଶୁଖିଯାଉଛି। ଅନ୍ୟପଟେ, ନଳକୂପଗୁଡ଼ିକରୁ ବାହାରୁଥିବା ଜଳରେ ଅତ୍ୟଧିକ ପରିମାଣର ଲୌହ ଅଂଶ ରହିଥିବାରୁ ଏହା ପାନୀୟ ଉପଯୋଗୀ ନୁହେଁ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ଫଳରେ ଗ୍ରାମବାସୀ କେବଳ ଶିବ ମନ୍ଦିର ପରିସରରେ ଥିବା ଏକମାତ୍ର କୂଅ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଗ୍ରାମରେ ଥିବା ଦୁଇଟି ସୌରଚାଳିତ ପମ୍ପ ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିବାରୁ ଜଳ ସଙ୍କଟ ଆହୁରି ଜଟିଳ ହୋଇଛି। ପଞ୍ଚାୟତର ବାଲିପୁଟ ଓ ଭୁତିଆଡିହ ଗ୍ରାମରେ ଲକ୍ଷାଧିକ ଟଙ୍କା ବ୍ୟୟରେ 'ବସୁଧା' ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ବାଣେଶ୍ୱରପଡ଼ା ଗ୍ରାମକୁ ଏହି ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ କରାଯାଉ ନାହିଁ। ଏଥିସହ ଗ୍ରାମରେ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ଶିବ ମନ୍ଦିର ସମ୍ମୁଖ ଖେଳ ପଡ଼ିଆରେ ଜମି ରହୁଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶେଷରେ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାସ୍ତାରୋକ ଯୋଗୁଁ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଅଟକି ରହି ଜନସାଧାରଣ ହଇରାଣ ହୋଇଥିଲେ। ଖବର ପାଇ ତହସିଲଦାର ଧର୍ମରଞ୍ଜନ ପଣ୍ଡା, ନୂତନ ବିଡ଼ିଓ ସଂଗ୍ରାମ କେଶରୀ ଭୋଳ ଏବଂ ଆଇଆଇସି ରମାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିଥିଲେ। ଆସନ୍ତାକାଲି ବ୍ଲକରୁ ଏକ ସ୍ୱତନ୍ତ୍ର ଟିମ୍ ଗ୍ରାମକୁ ଯାଇ ସମସ୍ତ ସମସ୍ୟାର ଅନୁଧ୍ୟାନ କରିବେ ଏବଂ ଯଥାଶୀଘ୍ର ଜଳଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

# ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବାଳକୃଷ୍ଣଙ୍କ ଜୟନ୍ତୀ



ନିଶ୍ଚିନ୍ତକୋଇଲି,୮।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତୀରବିନ୍ଧାଠାରେ ଜନ୍ମଗ୍ରହଣ କରି କଟକରେ ନିଜର କର୍ମମୟ ଜୀବନକୁ ନିର୍ବାହ କରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାବେ ଖ୍ୟାତି ଅର୍ଜନ କରିଥିବା ସ୍ୱର୍ଗତ ବାଳକୃଷ୍ଣ କରଙ୍କ ୧୩୯ତମ ଜୟନ୍ତୀ ବାଳକୃଷ୍ଣ ବିଦ୍ୟାନିକେତନ ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ପାଳିତ ହୋଇଛି। ପରିଷଦର ସଭାପତି ଗୌତମ ଦାସଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ପୁରାତନ ବିଦ୍ୟାର୍ଥୀ ସୁଧାଂଶୁ ଶେଖର ଦାସ, ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ଘଡାଇ, ପ୍ରାକ୍ତନ ସଭାପତି ଦୀପକ ପରିଡା, ଉତ୍ସବ ଦାସ, ମନୋଜ ବେହେରା, ଶିକ୍ଷୟିତ୍ରୀ ସଂଧ୍ୟାରାଣୀ ଜେନା ସ୍ୱର୍ଗତ କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦୈନିକ ମାତୃଭାଷା ସମ୍ବାଦପତ୍ର ପ୍ରତିଷ୍ଠା କରି ସେଥିରେ ଲୋକମାନଙ୍କ ସମସ୍ୟା ଉପସ୍ଥାପନା କରିବା ସହିତ ଶିଶୁମାନଙ୍କ ସହିତ ଜହ୍ନମାମୁ, ଶିଶୁ ସଂଖାଳୀ ଆଦି ବହୁ ପତ୍ରିକା ପ୍ରକାଶନ କରି ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିବା ସଂକ୍ରାନ୍ତରେ ଆଲୋଚନା କରିଥିଲେ।

# ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ

ନରସିଂହପୁର,୮।୪(ସମସ): ଓଡିଆ ପକ୍ଷ ପାଳନ ଅବସରରେ ବାଲିସାହି ପଞ୍ଚାୟତରେ ମଙ୍ଗଳବାର ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ସମାଜସେବୀ ପ୍ରିୟରଞ୍ଜନ ପତି, ବାଲିସାହି ପଞ୍ଚାୟତ ସରପଞ୍ଚ ସସ୍ମିତା ସେଠି ପ୍ରମୁଖ ଯୋଗଦେଇଥିଲେ। ମହିଳା ସଂଘ ଓ ଆଶା କର୍ମୀ ଓ ଗ୍ରାମର ମହିଳାମାନେ ସଫେଇ କାର୍ଯ୍ୟ କରି ବାହାରେ ମଳତ୍ୟାଗ ନ କରିବା, ଅଳିଆ ଆବର୍ଜନାଠାରୁ ନିଜକୁ ଦୂରେଇ ରଖିବା ସହିତ ସର୍ବଦା ମୁହଁରେ ମାସ୍କ ପିନ୍ଧିବା ପାଇଁ ସଚେତନ କରାଇଥିଲେ।

# ହରିହର ଚୌଦ୍ୱାର ନଗର କଂଗ୍ରେସ ସଭାପତି

ଚୌଦ୍ୱାର,୮।୪(ସମିସ): ଚୌଦ୍ୱାର ନଗର କଂଗ୍ରେସର ସଭାପତି ଭାବେ ହରିହର ପରିଡ଼ାଙ୍କୁ ଚୟନ କରାଯାଇଛି। କଂଗ୍ରେସ କଟକ ଜିଲ୍ଲା ସଭାପତି ପ୍ରଦୀପ୍ତ ଦାସ ଏକ ପତ୍ର ମାଧ୍ୟମରେ ଏ ସଂପର୍କରେ ସୂଚନା ଦେଇଛନ୍ତି। ସେହିପରି ପୂର୍ବରୁ ଚୌଦ୍ୱାର ନଗର କଂଗ୍ରେସ ସଭାପତି ଥିବା ବିଜୟ କୁମାର ବେହେରାଙ୍କୁ ଜିଲ୍ଲା କଂଗ୍ରେସ ଉପସଭାପତି, ଜ୍ୟୋତିରଞ୍ଜନ ପରିଜା ଓ ଅଂଶୁମାନ ପ୍ରଧାନଙ୍କୁ ଜିଲ୍ଲା ସମ୍ପାଦକ ଭାବେ ମନୋନୀତ କରାଯାଇଛି। ରାଜୀବ କୁମାର ମହାନ୍ତି ଓ ନୀଳିମା ତ୍ରିପାଠୀଙ୍କୁ ଜିଲ୍ଲା ପରିଚାଳନା କମିଟିର ସଦସ୍ୟ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଚୌଦ୍ୱାର ନଗର କଂଗ୍ରେସ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଛି। ତୃଣମୂଳସ୍ତରରୁ ଦଳକୁ ମଜବୁତ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ନବ ନିଯୁକ୍ତ ହରିହର ଓ ବିଜୟ ସୂଚନା ଦେଇଛନ୍ତି।

# ଦୁଇ ପ୍ରଧାନଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,୮।୪(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବନ୍ଧୁପୁର ପଞ୍ଚାୟତ ସାଆଁଳପୁରଠାରେ ଥିବା ସରକାରୀ ଚିନ୍ତାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସିଆରସିସି ପବିତ୍ର ଲେଙ୍କାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥିଭାବେ ସାରସ୍ୱତ ସାଧକ କବି ସଚ୍ଚିଦାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଷ୍ଣୁ ଚରଣ ମିଶ୍ର, ସମ୍ମାନିତ ଅତିଥିଭାବେ ସାହିତ୍ୟିକ କାର୍ତ୍ତିକଚନ୍ଦ୍ର ଦାସ, ସରପଞ୍ଚଙ୍କ ପ୍ରତିନିଧି ତରଣୀସେନ ଜେନା, ପଦ୍ମାବତୀ ଦେହୁରୀ, ଅମରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପରିବାର ସାହିତ୍ୟ ସଂସଦର ସଭାପତି ସୁରଥ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ସାହିତ୍ୟିକ ତନ୍ମୟ ଦାସ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅବସରକାଳୀନ ଅଭିନନ୍ଦନିକା ପୁସ୍ତକ 'ପ୍ରଫୁଲ୍ଲିତ ପ୍ରଫୁଲ୍ଲ' ଉନ୍ମୋଚିତ କରାଯାଇଥିଲା। ଭାରତୀୟ ସେନା କର୍ମଚାରୀ କ୍ଷୀରୋଦ ଦାସ ଓ ତପନ ପାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ମିନତୀ ନାୟକ, ଦେବଦର୍ଶିନୀ ଦାସଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲା



ପ୍ରଫୁଲ୍ଲିତ ପ୍ରଫୁଲ୍ଲ ପୁସ୍ତକ ଉନ୍ମୋଚନ

ବେଳେ ସୌଦାମିନୀ ସୂତାର ଧନ୍ୟବାଦ ଦେଇଥିଲେ। ସେହିପରି ବାଲିଆପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରୋଦ ସେନାପତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ଓଷ୍ଟା ଏବଂ ବିଦ୍ୟାଳୟ ପକ୍ଷରୁ ଏହି ସମ୍ବର୍ଦ୍ଧନା ସଭାରେ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ କଟକ ଜିଲ୍ଲାର ଯୁଗ୍ମ ସଂପାଦକ ଲକ୍ଷ୍ମୀନାରାୟଣ ବରାଳ ସଂଯୋଜନା କରିଥିଲା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ ଜେନା ସଭାପତିତ୍ୱ କରିଥିଲେ। ଉର୍ମିଳା ମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ଜେନା, ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଜୟରାମ ସେଠୀ, ଶିକ୍ଷୟିତ୍ରୀ ପ୍ରମିଳା ତ୍ରିପାଠୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଦାୟୀ ପ୍ରଧାନଶିକ୍ଷକ ଏହି ବିଦ୍ୟାଳୟରେ ୧୪ ବର୍ଷ ଅବୈତନିକ ସେବା ସହ ୩୫ ବର୍ଷ ଧରି ନିରବଚ୍ଛିନ୍ନ ଶିକ୍ଷାଦାନ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇଥିବାରୁ ତାଙ୍କର ଶେଷ ଜୀବନ ଦୀର୍ଘ ସୁଖମୟ ଓ ନିରାମୟ ହେବା ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ବେଣୁବିନୋଦ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଓଡ଼ିଆ ଅସ୍ମିତାରେ ଭାଗବତ' ଆଲୋଚନାଚକ୍ର



ଚୌଦ୍ୱାର,୮।୪(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅଧୀନ ନିମାପଡା ଛକସ୍ଥିତ ଭାଗବତ ଗୃହରେ ଉତ୍କଳୀୟ ଭାଷା ସୁରକ୍ଷା ଓ ଓଡିଆ ଅସ୍ମିତାରେ ଭାଗବତ ଶୀର୍ଷକ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କନକେଶ୍ୱର ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ସର୍ବେଶ୍ୱର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟସନାତନ ଭାଗବତ ପ୍ରଚାର ସମିତିର ବିଭିନ୍ନ ପଞ୍ଚାୟତର ପ୍ରତିନିଧି, ସାଧୁସନ୍ଥ ଓ ବୁଦ୍ଧିଜୀବୀ ସହ ଅନୁଷ୍ଠାନର ସଭାପତି ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ, ପରମାନନ୍ଦ ସାହୁ, ଦିଲ୍ଲୀପ ବ୍ରହ୍ମା, ଅକ୍ଷୟ ପାଢୀ, କେଶବଚନ୍ଦ୍ର ଖିଲାର, ବିଜୟ ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗୀତା, ଭାଗବତ, ନାମ ସଂକୀର୍ତ୍ତନ ତଥା ପୂଜ୍ୟପୂଜାରେ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟୀରାମ ନାୟକ, ପର୍ଶୁରାମ ରାଉତ, ସୁବାସଚନ୍ଦ୍ର ମହାରଣା, ରଞ୍ଜନ ବିଶ୍ୱାଳ, ଦିନବନ୍ଧୁ ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାନସ ସାହୁ ଧନ୍ୟବାଦ ଦେଇଥିଲେ।

## କେବେ କାର୍ଯ୍ୟକାରୀ ହେବ ଆଞ୍ଜୁଆ ବିଦ୍ୟୁତ ଗ୍ରୀଡ୍?

# ଲୋ-ଭୋଲ୍‌ଟେଜ୍ ଓ ବିଦ୍ୟୁତ କାଟ୍‌ରେ ହନ୍ତସନ୍ତ ୪ ପଞ୍ଚାୟତ

ଟାଙ୍ଗୀ,୮।୪(ସମିସ)

ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତର ଆଞ୍ଜୁଆ ଗ୍ରାମରେ ନିର୍ମିତ ନୂତନ ବିଦ୍ୟୁତ ଗ୍ରୀଡ୍ ଏବେ ପ୍ରହସନ ପାଲଟିଛି। ବଡ଼ ଧୁମଧାମରେ

- ଉଦ୍‌ଘାଟନର ଦେଢ଼ମାସ ପରେ ବି ଅନ୍ଧାରରେ ଉପଭୋକ୍ତା
- ଉଦ୍‌ଘାଟନ କରିଥିଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ
- ଅଧପନ୍ତରିଆ କାର୍ଯ୍ୟକୁ ନେଇ ବଢ଼ୁଛି ଅସନ୍ତୋଷ

ଗ୍ରୀଡର ଉଦଘାଟନ ଶେଷ ହେବାର ଦେଢ଼ ମାସ ବିତିଯାଇଥିଲେ ହେଁ, ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ବିଦ୍ୟୁତ ଉପଭୋକ୍ତା ଲୋ-ଭୋଲଟେଜ୍ ଏବଂ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜନୈତିକ ଶ୍ରେୟ ନେବା ଲଢ଼େଇ ଭିତରେ ବିଦ୍ୟୁତ ବିଭାଗ ନିଜର ଅପାରଗତାକୁ ଘୋଡ଼ାଇ ରଖିଥିବା ଅଭିଯୋଗ ହୋଇଛି।



ସୂଚନା ଅନୁଯାୟୀ, ଗରୁଡ଼ଗାଁ, ସଫା, କରଞ୍ଜି ଓ କହ୍ନେଇପୁର ପଞ୍ଚାୟତବାସୀଙ୍କ ଦୀର୍ଘ ଦିନର ଦାବି ପରେ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ଉଦ୍ୟମରେ ଏହି ଗ୍ରୀଡ୍ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିଲା। ଗ୍ରୀଡର କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିଲେ ମଧ୍ୟ ଗତ ଫେବୃଆରୀ ୨୩ ତାରିଖରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଧାୟକ ଶ୍ରୀ ବେହେରା ଏବଂ ବିଜେପି ନେତା ଅରିନ୍ଦମ ରାୟଙ୍କ ଉପସ୍ଥିତିରେ ଏହାକୁ ଉଦଘାଟନ କରାଯାଇଥିଲା। ଉଦଘାଟନ ସମୟରେ ବିଜେଡି ଓ ବିଜେପି କର୍ମୀଙ୍କ ମଧ୍ୟରେ ତୀବ୍ର ବିବାଦ ଓ ତୁମୁଳକାଣ୍ଡ ଘଟିଥିବା ବେଳେ ଏବେ ସେହି ରାଜନୈତିକ କଳିର କୁପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ଅଭିଯୋଗ ହେଉଛି ଯେ, ଦୁଇ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଚାଲିଥିବା କଳିର ସୁଯୋଗ ନେଇ ବିଦ୍ୟୁତ ବିଭାଗ ବାକି ରହିଥିବା କାର୍ଯ୍ୟକୁ ସମାପ୍ତ କରିବାରେ ଆନ୍ତରିକତା ଦେଖାଉ ନାହିଁ। ଉଦଘାଟନୀ ଫଳକ ଶୋଭା ପାଉଥିଲେ ମଧ୍ୟ ଗ୍ରୀଡରୁ ବିଦ୍ୟୁତ ସଂଯୋଗ ହୋଇପାରୁ ନ ଥିବାରୁ ଖରା ଦିନେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଯଦି ବିଦ୍ୟୁତ ବିଭାଗ ତୁରନ୍ତ ଏହି ଗ୍ରୀଡକୁ କାର୍ଯ୍ୟକାରୀ ନ କରେ, ତେବେ ୪ ପଞ୍ଚାୟତର ଉପଭୋକ୍ତାମାନେ ଏକତ୍ରିତ ହୋଇ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନକୁ ତୀବ୍ର କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପିପି କଲେଜ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ



ନିଶ୍ଚିନ୍ତକୋଇଲି,୮।୪(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ସହାୟତାରେ ଏକ ସ୍ୱତନ୍ତ୍ର ସେବା ଶିବିର ୭ ଦିନ ବ୍ୟାପୀ ଚାଲି ଉଦ୍‌ଯାପିତ ହୋଇଛି। ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶିଶିର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ବହୁ ସ୍ୱେଚ୍ଛାସେବୀ ଅଂଶୁଘାତର ପ୍ରତିକାର, ସ୍ୱେଚ୍ଛାକୃତ ରକ୍ତଦାନ, ଅଗ୍ନି ନିର୍ବାପକ ଓ ଉଦ୍ଧାର କାର୍ଯ୍ୟ, ଆତ୍ମନିର୍ଭରଶୀଳତା, ପରିବେଶ ସୁରକ୍ଷା, ତମାଖୁ ଓ ପ୍ଲାଷ୍ଟି ମୁକ୍ତ ସମାଜଗଠନ, ବୃକ୍ଷରୋପଣ ଆଦି ସଚେତନତା କାର୍ଯ୍ୟକ୍ରମ କରାଇଥିଲେ। ଉଦ୍‌ଯାପନ ଉତ୍ସବରେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ ପୌରୋହିତ୍ୟ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ସେକ୍ କଲିମୁଲ୍ଲା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପ୍ରଫେସର ମଦନମୋହନ ଜେନା, ସମ୍ମାନୀତ ଅତିଥି ଭାବେ ଡ. ସଂଧ୍ୟାସାୟନ୍ତନି ମହାନ୍ତି, ପ୍ରଫେସର ବିଶ୍ୱଭୂଷଣ ଜେନା, ସତ୍ୟଭାମା ବିଶୋଇ, ସତ୍ୟଭାମା ନାୟକ, ପ୍ରଫେସର ଲକ୍ଷ୍ମଣ ଦାଶ, ବିଜୟଲକ୍ଷ୍ମୀ ମିଶ୍ର, ସୁଧୀର ଦାସ, ପ୍ରଦୀପ୍ତ ରାଉତ, ପରୀକ୍ଷିତ ନାୟକ, ଅଭୟ ଜେନା, ଦେବରୂପା କର ସ୍ୱେଚ୍ଛାସେବୀଙ୍କୁ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଡ. ପଦ୍ମଲୋଚନର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମସ୍ତ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡ. ପଦ୍ମପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

